ପ୍ରେସ୍‌ନୋଟ୍

## ନାଲ୍‌କୋର ଉତ୍କଳ ଡି କୋଲ ବ୍ଲକ୍ ନିମନ୍ତେ ଗ୍ରାମବାସୀଙ୍କ ସହ ତ୍ରିପାକ୍ଷିକ ବୈଠକ ।

ଅନୁଗୋଳ,ତା.୨୨.୪:- ନାଲ୍‌କୋର ଉତ୍କଳ ଡି କୋଲ ବ୍ଲକ୍ ପାଇଁ ଛେଣ୍ଡିପଦାର ରାଇଝରଣ ଗ୍ରାମବାସୀଙ୍କୁ ନେଇ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଏକ ତ୍ରିପାକ୍ଷିକ ବୈଠକ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍‌ଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଇଝରଣ ଗ୍ରାମର ଜମିହରା ପ୍ରଜାମାନଂକର ଥଇଥାନ ଓ ବିସ୍ଥାପନ ସମ୍ପର୍କରେ ଗ୍ରାମବାସୀମାନଙ୍କ ସହ ଆଲୋଚନା ହୋଇଥିଲା । ରାଜ୍ୟ ସରକାରଂକ ଥଇଥାନ ଓ ବିସ୍ଥାପନ ନୀତି ଅନୁଯାୟୀ ଗ୍ରାମବାସୀଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରକାଶ କରିଥିଲେ । ଗ୍ରାମବାସୀଙ୍କର ଦାବୀ ମୁତାବକ ଜମିର ମୂଲ୍ୟ ବର୍ଦ୍ଧିତ ଦରରେ ପ୍ରଦାନ କରିବା ସହ ନିଯୁକ୍ତି ନିମନ୍ତେ ପଦକ୍ଷେପ ନେବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପରେ ଝିଣ୍ଟିପାଳ ଗ୍ରାମର ଗ୍ରାମବାସୀ,ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା ଓ ରାଧିକାପୁର ପଶ୍ଚିମ କୋଇଲା ବ୍ଲକର କର୍ତ୍ତୃପକ୍ଷଂକ ସହ SIA study କୁ ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଭୂ-ଅର୍ଜନ ଅଧିକାରୀ(ସାଧାରଣ) ଇଷାନି ପଣ୍ଡା, ଛେଣ୍ଡିପଦା ତହସିଲଦାରଶ୍ରୀ ଶ୍ରୀ ଡାନିଏଲ ଏକ୍କା, ନାଲ୍‌କୋ କମ୍ପାନୀ ଓ ଉତ୍କଳ ଡିର କର୍ତ୍ତୃପକ୍ଷ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।